ଜାତୀୟ ବୟନ ନିଗମ (ୟୁ.ପି.) ଲିମିଟେଡ଼ ଇତ୍ୟାଦି

ବନାମ

ସ୍ୱଦେଶୀ କଟନ୍ ମିଲ୍ସ୍ କମ୍ପାନୀ ଲିମିଟେଡ଼ ଏବଂ ଅନ୍ୟମାନେ ଇତ୍ୟାଦି

ଅକ୍ଟୋବର 23, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ମକଦ୍ଦମା—ଦେୱାନୀ ନ୍ୟାୟାଳୟଙ୍କ ପାଖରେ ବିଚାରାଧୀନ—ମାସିକ ଏକ ନିର୍ଦ୍ଦିଷ୍ଟ ରାଶି ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ—ଭଡ଼ା ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ—ମକଦ୍ଦମାରୁ କାର୍ଯ୍ୟାନୁଷ୍ଠାନରେ ଉତ୍ପନ୍ନ ଚୂଡ଼ାନ୍ତ ଆଦେଶ ଅନୁଯାୟୀ ସମାଯୋଜନ କରାଯିବ—ଅନ୍ୟ ପକ୍ଷଙ୍କ ଦ୍ୱାରା ପ୍ରତ୍ୟାହାର—କିଛି ସର୍ତ୍ତଗୁଡ଼ିକର ବଶବର୍ତ୍ତୀ ଏବଂ ବିଚାରାଧୀନ ମକଦ୍ଦମାରେ ଦେୱାନୀ ନ୍ୟାୟାଳୟଙ୍କ ଆଦେଶଗୁଡିକ ଅନୁଯାୟୀ ସମାଯୋଜନ ବିଷୟ—ନିର୍ଦ୍ଦେଶ ଜାରି କରାଗଲା ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 14412/1996 ଇତ୍ୟାଦି ।

ଏଫ୍.ଏ. ସଂଖ୍ୟା 549/1995ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 14.5.96 ର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଭି.ଆର. ରେଡ୍ଡୀ, ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତା, ନିଖିଲ ନାୟାର ଏବଂ ଟି.ଭି.ଏସ୍.ଏନ୍ ଚାରି ।

ଉତ୍ତରଦାତାମାନଙ୍କ ପାଇଁ ଓ.ପି. ରାଣା, ସୁଧୀର ଚନ୍ଦ୍ର ଅଗ୍ରୱାଲ, ରାକେଶ ୟୁ. ଉପାଧ୍ୟାୟ ଏବଂ ସତୀଶ ଭିଗ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ବିଳମ୍ବକୁ କ୍ଷମା କରିଦିଆଗଲା ।

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ମେ 14, 1996ରେ ଏହି ଅପିଲଗୁଡ଼ିକ ବିଶେଷ ଅନୁମତି ଦ୍ୱାରା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ଆଦେଶରୁ ଉତ୍ପନ୍ନ ହୁଏ । ସମଗ୍ର ବାଦବିବାଦକୁ ଏଡ଼ାଇ ଯିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ଯେ, ଜୁଲାଇ 13, 1987 ତାରିଖରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଅନୁଯାୟୀ, ଅପିଲକାରୀମାନେ ସେହି ତାରିଖଠାରୁ ପ୍ରତି ମାସର 10 ତାରିଖରେ 25,000 ଟଙ୍କା ଜମା କରୁଛନ୍ତି । ଜୁଲାଇ 12, 1988ରେ ଏହି ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ଏହା ଆହୁରି ସ୍ପଷ୍ଟ କରାଯାଇଥିଲା ଯେଉଁଥିରେ ଏହି ନ୍ୟାୟାଳୟ କହିଛନ୍ତି ଯେ :

> ଆମେ ଆହୁରି ନିର୍ଦ୍ଦେଶ ଦେଉଛୁ ଯେ, 13 ଜୁଲାଇ 1987ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶର ସର୍ତ୍ତାବଳୀଗୁଡ଼ିକ ଅନୁଯାୟୀ, ଆବେଦନକାରୀଙ୍କୁ ପ୍ରତି ମାସରେ 25,000 ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଆବେଦନକାରୀ ପ୍ରଥମ ଉତ୍ତରଦାତାଙ୍କ ନାମରେ ଖୋଲାଯାଇଥିବା ଏକ ସୁଧ ପାଉଥିବା ଖାତାରେ ବାକି ପାଇଁ ଏକ ସୂଚୀପ୍ରାପ୍ତ ବ୍ୟାଙ୍କରେ ଏପରି ଜମା କରିବେ କିନ୍ତୁ ନ୍ୟାୟାଳୟଙ୍କ ପୂର୍ବ ନିର୍ଦ୍ଦେଶ ବିନା ପ୍ରଥମ ଉତ୍ତରଦାତାଙ୍କ ପାଇଁ ଏପରି ଖାତାରୁ କୌଣସି ପରିମାଣ ଉଠାଇବା ଉନ୍ମୁକ୍ତ ରହିବ ନାହିଁ ।

ଆଇ.ଏ. ସଂଖ୍ୟା 3/96ରେ, ଅକ୍ଟୋବର 7, 1996ରେ ଆଦେଶ ଦ୍ୱାରା ଯେତେବେଳେ ଏକ ସ୍ପଷ୍ଟୀକରଣ ମଗାଯାଇଥିଲା, ଏହି ନ୍ୟାୟାଳୟ ନିମ୍ନମତେ ସ୍ପଷ୍ଟ କରିଛନ୍ତି :

> "ଏହା ସ୍ପଷ୍ଟ କରାଯାଇଛି ଯେ, 13 ଜୁଲାଇ, 1987 ଏବଂ 12 ଜୁଲାଇ, 1988 ତାରିଖର ଆଦେଶରେ ଥିବା ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା ଜମା କରାଯିବାକୁ ଥିବା 25,000 ଟଙ୍କା ଆବେଦନକାରୀଙ୍କ ଦଖଲରେ ଥିବା ସ୍ଥାନର ଅଂଶ ପାଇଁ ଭଡ଼ା ନୁହେଁ ଏବଂ ଉକ୍ତ ପରିମାଣ ମକଦ୍ଦମାରୁ ଉତ୍ପନ୍ନ କାର୍ଯ୍ୟଧାରା ଅନୁଯାୟୀ ପ୍ରଦାନ କରାଯାଇଥିବା ଚୂଡ଼ାନ୍ତ ଆଦେଶ ଅନୁଯାୟୀ ସମାୟୋଜନ କରିବାକୁ ହେବ ।"

ଏହି ନ୍ୟାୟଳୟଙ୍କ ଦ୍ୱାରା ଜାରି ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଉତ୍ତରଦାତା ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତା ଖାତାରୁ ଟଙ୍କା ଉଠାଇପାରିବେ, କିନ୍ତୁ ବିଚାରାଧୀନ ମକଦ୍ଦମାରେ ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଚୂଡ଼ାନ୍ତ ନିର୍ଦ୍ଦେଶ ଅନୁଯାୟୀ ଏପରି ଟଙ୍କା ଉଠାଇବା ପାଇଁ ସମାୟୋଜନ କରାଯିବ । ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶରେ

ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଦେଶରେ ଦର୍ଶାଯାଇଥିବା ଅନୁଯାୟୀ ବ୍ୟାଙ୍କ ପ୍ରତ୍ୟାଭୂତି ଆଦେଶ କରିବା ଉପରେ ରାଶି ପ୍ରତ୍ୟାହାର କରନ୍ତୁ :

> "13.7.1987 ଏବଂ 12.7.1988ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଉତ୍ତରଦାତା ସଂଖ୍ୟା 11 ରୁ 14 ପର୍ଯ୍ୟନ୍ତ ବାଦୀ-ଅପିଲକାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ଉଠାଇବା ପାଇଁ ଅନୁମତି ଦିଆଯିବ, ଯେତେବେଳେ ସେମାନେ ଜମାରେ ଥିବା ପରିମାଣର ଏକ ବ୍ୟାଙ୍କ ପ୍ରତ୍ୟାଭୂତି ଏବଂ ଉପରୋକ୍ତ ପରିମାଣର 10% ଅତିରିକ୍ତ ପ୍ରତ୍ୟାଭୂତି ପ୍ରଦାନ କରିବେ । ବ୍ୟାଙ୍କ ପ୍ରତ୍ୟାଭୂତି ଏକ ସୂଚୀପ୍ରାପ୍ତ ବ୍ୟାଙ୍କର ହେବ ଏବଂ କାନପୁର ନଗରର ଦେୱାନୀ ବିଚାରପତିଙ୍କ ସନ୍ତୁଷ୍ଟି ପାଇଁ ପ୍ରଦାନ କରାଯିବ । ବାଦୀ-ଅପିଲକାରୀଙ୍କୁ ଶୁଣାଣିର ସୁଯୋଗ ଦେବା ପରେ ବ୍ୟାଙ୍କ ପ୍ରତ୍ୟାଭୂତି ଗ୍ରହଣ ପାଇଁ ଆଦେଶ ପାରିତ କରାଯିବ ।"

ଏହି ନ୍ୟାୟାଳୟଙ୍କ ଦ୍ୱାରା ସ୍ପଷ୍ଟ କରାଯାଇଥିବା ମକଦ୍ଦମା ପ୍ରତ୍ୟାହାର, ଅପିଲରେ ଫଳାଫଳର ବିଷୟ ହେବ ଏବଂ ବିଚାରାଧୀନ ମକଦ୍ଦମାରେ ଦେୱାନୀ ନ୍ୟାୟାଳୟଙ୍କ ଆଦେଶଗୁଡ଼ିକ ଅନୁଯାୟୀ ସମାଯୋଜନ ବିଷୟ ହେବ । ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ମକଦ୍ଦମା ଆଦେଶଗୁଡ଼ିକରୁ ଉତ୍ପନ୍ନ ମକଦ୍ଦମାରେ ଅପିଲକାରୀ ସଫଳ ହେଲେ, ପ୍ରତ୍ୟାହାରଟି ଆଦେଶଗୁଡ଼ିକର ବିଷୟ ହେବ ଯାହା ସେଥିରେ ପାରିତ ହୋଇପାରିବ ।

ତଦନୁସାରେ ଅପିଲଗୁଡ଼ିକୁ ପରିସମାପ୍ତ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. — ଅପିଲଗୁଡ଼ିକୁ ପରିସମାପ୍ତ କରାଯାଇଛି ।

—— o ——

<u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ  ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।